

# ଶନିଶ୍ଚର ମେଳା



## ଦଶରଥ ପ୍ରୋକ୍ତ ଶନିଶ୍ଚର ସ୍ତୋତ୍ରଂ

ନମଃ କୃଷ୍ଣାୟ ନୀଳାୟ ଶିତିକଣ୍ଠ ନିଭାୟ ଚ ।
ନମୋ ନୀଳମୟୁଖାୟ ନୀଲୋତ୍ପଳ ନିଭାୟ ଚ ॥
ନମୋ ନିର୍ମାଂସ ଦେହାୟ ଦୀର୍ଘଶ୍ମଶ୍ରୁ ଜଟାୟ ଚ ।
ନମୋ ବିଶାଳ ନେତ୍ରାୟ ସୂକ୍ଷ୍ମୋଦରୋ ଭୟାତ୍ମନେ ॥
ନମୋ ପରଶୁହସ୍ତାୟ ସ୍ଥୂଳଲୋମ୍ନେ ନମୋଽନମଃ ।
ନମସ୍ତେ କ୍ରୋଟରାକ୍ଷାୟ ଦୁର୍ନିରୀକ୍ଷାୟ ବୈ ନମଃ ॥
ନମୋ ନିତ୍ୟକ୍ଷୁଧାର୍ତ୍ତାୟ ସଦାତୃପ୍ତାୟ ବୈ ନମଃ ।
ନମୋ କାଳାଗ୍ନି ରୌଦ୍ରାୟ କୃତାନ୍ତୟଚ ବୈ ନମଃ ॥
ନମୋ ଦୀର୍ଘାୟ ସୂକ୍ଷ୍ମାୟ କାଳରୁଦ୍ରାୟ ତେ ନମଃ ।
ନମୋ ଘୋରାୟ ରୌଦ୍ରାୟ ଭୀଷଣାୟ କରାଲିନେ ॥
ନମସ୍ତେ ସର୍ବଭକ୍ଷାୟ ବଳିମୁଖ ନମୋଽସ୍ତୁତେ ।
ସୂର୍ଯ୍ୟପୁତ୍ର ନମୋସ୍ତୁଭଂ ଭାସ୍କର ବରଦାୟନେ ॥
ଅଧୋଦୃଷ୍ଟେ ନମୋସ୍ତୁଭ୍ୟଂ ଶ୍ୟାମବର୍ଣ୍ଣଂ ନମୋସ୍ତୁତେ ।
ନମୋ ମନ୍ଦଗତେ ତୁଭ୍ୟଂ ନିସ୍ତ୍ରିଂଶାୟ ନମୋଽନମଃ ॥
ତପସା ଦଗ୍‌ଧ ଦେୟାୟ ନିତ୍ୟଂ ଯୋଗରତାୟ ଚ ।
ନମସ୍ତେ ଜ୍ଞାନନେତ୍ରାୟ କଶ୍ୟପାତ୍ମଜସୁନବେ॥
ତୁଷ୍ଟୋ ରାଜ୍ୟପ୍ରଦସ୍ତ୍ୱଂହି ରୁଷ୍ଟୋରାଜ୍ୟପହାରକଃ ।
ଦେବାସୁର ମନୁଷ୍ୟାଶ୍ଚ ସିଦ୍ଧବିଦ୍ୟାଧରୋରଗାଃ ॥
ତ୍ୱୟାବଲୋକିତାଃ ସର୍ବେ ଦୈନମାଶୁ ବ୍ରଜନ୍ତିତେ ।
ବ୍ରହ୍ମା ଶକ୍ରୋ ହରଶ୍ଚୈବ ଋଷୟଃ ସପ୍ତତାରକାଃ ॥

smartodiaguide.com

ରାଜ୍ୟଭ୍ରଷ୍ଟା ପତନ୍ତୀହ ମାୟା ରୌଦ୍ରାବଲୋକତାଃ ।
ଦେବାଶ୍ଚ ନଗରାଃ ଗ୍ରାମଃ ପର୍ବତାଶ୍ଚ ବନାନିଚ ॥
ରୌଦ୍ର ଦୃଷ୍ଟା ତ୍ୱୟା ଦୃଷ୍ଟା ନାଶମାୟାନ୍ତି ତତକ୍ଷଣାତ୍ ।
ପ୍ରସାଦଂ କୁରୁମେ ସୌରେ ବରାର୍ଥୀତ୍ୱାମୁପସ୍ଥିତ ॥
ଏବଂ ସ୍ତୁତ ସଦା ସୈରୀ ଗଜା ଦଶରଥେନ ତୁ ।
ଗ୍ରହରାଜଃ ଶନି ହୃଷ୍ଟରୋମା ବତନବ୍ରବୀତ ॥

●●●

## ଶନିଶ୍ଚର ସ୍ତବ

ନୀଳାଞ୍ଜନ ଚୟପ୍ରେକ୍ଷଂ ରବିସୂନୁଂ ମହାଗ୍ରହଂ ।
ଛାୟାୟ ଗର୍ଭସମ୍ଭୂତଂ ବନ୍ଦେ ଭକ୍ତ୍ୟା ଶନୈଶ୍ଚର ॥
ଦିନେ ଦ୍ୱାରକା ପୁରରେ ଦେବୀ ସତ୍ୟଭାମା ।
ପଚାରନ୍ତି ଶ୍ରୀକୃଷ୍ଣଙ୍କୁ ଶନିର ମହିମା ॥
କୁହ ଦେବ ଶନିଶ୍ଚର ମେଳାର ବିଧାନ ।
କେହି ଦା କରି ପାଇଛି କି କି ଫଳମାନ ॥

## ଶ୍ରୀକୃଷ୍ଣ ଉବାଚ

ଶୁଣ ସତ୍ୟଭାମା ଏବେ କହିବା ବିସ୍ତାରି । ରବିନନ୍ଦନଙ୍କ କଥା ଆଦ୍ୟପ୍ରାନ୍ତ କରି ॥ ଛାୟାଦେବୀଙ୍କ ଗର୍ଭରୁ ଜନମ ଲଭିଲେ । ଗ୍ରହ ମଣ୍ଡଳମଧ୍ୟରେ ସ୍ଥାନଲାଭ କଲେ ॥ ପୁଣି ସୌରାଷ୍ଟ୍ରେ ଜନ୍ମିଲେ ରଦ୍ର ଘରେ ଯାଇ । ସକଳ ବିଦ୍ୟା ପଢ଼ିଲେ ଗୁରୁ ଗୃହେ ରହି ॥ ମହାଗ୍ରହ ହେଲେ ବିଷ୍ଣୁ ବରଲାଭ କରି । ରାହୁ କେତୁଙ୍କ ସଙ୍ଗରେ ମିତ୍ରଭାବ ଧରି ॥ ଦିନେ ଆପଣା ପ୍ରାନ୍ତରେ ରାହୁ କେତୁ ଥିଲେ ॥ ବସିଣ ଅନେକ କଥା ପରାମର୍ଶ କଲେ ॥ ଏମନ୍ତ ସମୟେ ଭିକ୍ଷା କରିବା ନିମନ୍ତେ ॥ ଅନ୍ଧ ଗୋଟି ମିଳିଲା ଯଷ୍ଟି ଘେନି ହାତେ ॥ କେଣେ ଯିବୁ ଅନ୍ଧ ବୋଲି ଶନି

smartedguide.com

ପଚାରନ୍ତି । ଅଣ୍ଡାଳି ଅଣ୍ଡାଳି କେହ୍ନେ ଚଟୋଲ ନିତିପ୍ରତି ।। କି କରିବି କର୍ମହୀନ ଅନ୍ଧ କହେ ଧୀରେ । ଏ ଦଶା ଭୋଗୁଛି ମୁହିଁ ଶନିଙ୍କ ପୀଡାରେ ।। ଶନିଦଶା ପଡିବାରୁ ଆଖି ଗଲା ଫୁଟି । ସକଳ ସମ୍ପଦ ଗଲା ଲକ୍ଷ୍ମୀ ଗଲେ ତୁଟି ।। ଘରଦ୍ୱାର ଗଲା ରାହୁ ମହାଦଶା ହେତୁ । ସର୍ବନାଶ ହେଲା ଅନ୍ତର୍ଦଶା ହେତୁ କେତୁ ।। ପୁଅକୁ ଘେନି ଭାରିଯା ପଳାଇଣ ଗଲା । ମୋ ଖବର ବୁଝିବାକୁ କେହି ନ ରହିଲା ।। ଅଣ୍ଡାଳି ଅଣ୍ଡାଳି ଭିକ୍ଷାମାଗି ମୁଁ ଚଳଇ । ମିଳିଲେ ଖାଏ ନାହିଁ ତ ଉପବାସେ ଥାଇ ।। ତିନିଦିନ ହେଲା ଏବେ ଉପବାସେ ଅଛି । ଭିକ୍ଷା କରିବାକୁ ଯେ ସହରକୁ ଯାଉଛି ।। ଶନି ବୋଇଲେ ତୁ ଭଲକଥା ଶୁଣାଇଲୁ । ଆମ୍ଭ କାର୍ଯ୍ୟ ହେବ ବୋଲି ଆଶା ଦିଆଇଲୁ ।। ବଜାର ଯାଉଛୁ ଯେ ଆମ୍ଭକଥା ମାନି । ସଉଦା କେତୁଟା ଆମ୍ଭ ପାଇଁ ଦେବୁ ଆଣି ।। ଅନ୍ଧ ବୋଲେ କିଛି ଦେଖାଯାଉ ନାହିଁ ମୋତେ । ଠକିନେଲେ ଦୋକାନୀ ମୁଁ ଜାଣିବି କେମନ୍ତେ ।। ଶନି ବୋଇଲେ ଭାବନା କିଛି ନାହିଁ ବାବୁ । ସେ ଯେତେ ଠକୁ ପଛକେ କିଛି ନ କହିବୁ ।। ଦଣ୍ଡ ଭୋଗିବ ଠକିବ ।। ଲୋକ ପୁଣି ପରେ । ମୁକ୍ତିଲାଭ ତାର ଜାଣ ତୋହରି ସେବାରେ ।। ଗୁଆ ତିନିଗୋଟି ଖଇ କଦଳୀ ନଡ଼ିଆ । ଆଣିବୁ ତଇଲ ଖଣ୍ଡେ ପକାଇଣ ଲୁହା ।। ଆମ୍ଭଠାରୁ ନିଅ ତିନିଅଣାଟି ପଇସା । ସଉଦା କରିଣ ଫେରି ଆସିବୁ ସହସା ।। କିପରି ତେଲ ଆଣିବି ଅନ୍ଧ ପଚାରଇ । ଶନି ବୋଇଲେ ପତର ଠୁଙ୍ଗାରେ ପୁରାଇ ।। ଏମନ୍ତ ଶୁଣି ସେ ଅନ୍ଧ ପଇସା ନେଇଣ । ଯାଉଯାଉ ପଥେ ତାକୁ ଦିଶିଲା ସାମାନ୍ୟ ।। ବଜାରେ ପହଞ୍ଚି ଆଗ ସଉଦା କିଣିଲା । ତରତରେ ଲୁହାଖଣ୍ଡେ ପକାଇଣ ଦେଲା ।। ବାନ୍ଧିଣ ଗୁଆ କଦଳୀ ନଡ଼ିଆକୁ ବାଛି । ଦେଖା ଯିବାରୁ ସେ ଭାବେ ମନେ ମନେ ପାଞ୍ଚି ।। ସେ ତିନିହେଁ ମହାଜନ ପରି ଜଣାଯାଏ ।। ତାଙ୍କ କାର୍ଯ୍ୟ ହେଲା କରିବାର ଭଲ ନୁହେଁ ।। ଏତେ ବୋଲି ବେଗେ ବେଗେ ଲେଉଟିଣଗଲା । ସଉଦା

ନେଇ ଭକ୍ତିରେ ଦଣ୍ଡବତ କଲା ।। ବିନୟେ ବୋଇଲା ମୋତେ ଚକ୍ଷୁ ତୁମେ ଦେଲ । ମେଳା କରିବି କେମନ୍ତେ କିମ୍ପା ନ ବୋଇଲ ।।

ଶନି ବୋଇଲେ ଅନ୍ଧରେ ଭଲରୂପେ ଜାଣ । ଶନି ରାହୁ କେତୁ ଆମ୍ଭେ ଅଟୁ ତିନିଜଣ ।। ମହାଗ୍ରହ ବୋଲି କରି ଜାଣନ୍ତି ଜଗତେ । ଏବେ ମେଳା ଆରମ୍ଭ ତୁ ଆମ୍ଭ କଥା ମତେ ।। ଆସ୍ଥାନ ଗୋଟିଏ କରି ଏହି ପ୍ରାନ୍ତରରେ । ତିନିଗୋଟି ଗୁଆ ରଖ ତିନିଙ୍କ ନାମରେ ।। ତୋ କନ୍ଧରେ ଥିବା କଳାଉତ୍ତରୀ ଖଣ୍ଡିକ । ଆସ୍ଥାନେ ପକାଇ ଗୁଆ ତାର ପରେ ରଖ ।। ତୋର ପିତ୍ତଳ ଗଡୁଟି ବସାଇ କଳସ । ଆମ୍ବଡାଳ ତାର ପରେ ରଖିହୋଇ ତୋଷ ।। ଦୁବ ବରକୋଳିପତ୍ର ରଖ ତା ଉପରେ । କାନିଚିରି ବଳିତା ତୁ କରହେ ବେଗରେ ।। ମୃତ୍ତିକା ପ୍ରଦୀପ କରି ତେଲ ଦିଅ ଭରି । ଶନି କେତୁ ରାହୁ ନାମ ବଦନେ ଉଚ୍ଚାରି ।। ଅଗ୍ନି ଲଗାଇ ଜଳାଅ ପ୍ରଦୀପକୁ ଖରେ । ଶେଷେ ମେଳା କରାଇବୁ ବ୍ରାହ୍ମଣ ଡାକିରେ । ହୋମ ଆମ୍ଭ ନାମେ ପାଞ୍ଚମେଳା କର । ମେଳା ଶେଷେ ଗୁଆ ତୁ ଭସାଇ ଜଳର ।। ଶେଷ ମେଳା କରାଇବୁ ବ୍ରାହ୍ମଣଙ୍କୁ ଡାକି । ହୋମ ଆମ୍ଭେ ନାମେ ଦେବ ଆହୁତିକୁ ଟେକି ।। ଆପଣା ବନ୍ଧୁ ପଡ଼ୋଶୀମାନଙ୍କୁ ଡକାଇ । ଆରମ୍ଭିବୁ ମେଳା ରାତି ବେନି ଘଡ଼ିଠାଇଁ ।। ତେବେ ତୋ ବାଞ୍ଛିତ ଫଳ ନିଶ୍ଚୟ ପାଇବୁ । ଏଥୁ ଆନ କଲେ ଜାଣ ଦୁଃଖେ ଦିନ ନେବୁ ।।

ଅନ୍ଧ ବୋଲେ ପ୍ରଭୁ ସର୍ବହରା ଅଟେ ମୁହିଁ । କେଉଁଠି କରିବି ମେଳା ଘରଦ୍ୱାର ନାହିଁ ।। ବନ୍ଧୁ ବା କାହାନ୍ତି ସ୍ତିରୀପୁତ୍ର ଛାଡ଼ିଗଲେ । ମଲେ କି ହଜିଲେ କିଛି ନ ଜାଣଇ ତିଳେ ।। ଶନି ବୋଇଲେ ମନାସ ମେଳା ପାଞ୍ଚଗୋଟି । ସ୍ତିରୀପୁତ୍ର ମିଳିବେଟି ଆସି ତୋ ପାଶେଟି ।। ଘର ମିଳିଯିବ ଧନରତ୍ନେ ହୋଇ ପୂର୍ଣ୍ଣ । ବନ୍ଧୁବାନ୍ଧବ ଯୁଟିବେ ନିଶ୍ଚେ ଅଗଣନ ।। ଏମନ୍ତ ଶୁଣି ସେ ଅନ୍ଧ ମେଳା ଶେଷକଲା । ଭକତି ଅନ୍ତରେ ତହିଁ ପ୍ରଣାମ କରିଲା ।। ବର ଦେଲେ ଶନି ଏବେ ଯାଅ ଅନ୍ଧ ଧୀରେ । ପୁତ୍ର ଭାରିଯା

ତୋହର ମିଳିବେ ପଥରେ ।। ପାଞ୍ଚମେଳା ଦେବୁ କେବେ ନ କରିବୁ
ହେଳା । ଆମ୍ଭ ତିନିଙ୍କ ନାମକୁ କରିଥିବୁ ମାଳା ।। ଏତେ କହି ଗ୍ରହମାନେ
ହେଲେ ଅନ୍ତର୍ଦ୍ଧାନ । ପଥେ ଚଳିଯାଏ ଅନ୍ଧ ସ୍ମରି ତାଙ୍କ ନାମ ।। କ୍ଲାନ୍ତହୋଇ
ବୃକ୍ଷଛାୟାତଳେ ବିଶ୍ରମିଲା । ଦେଖୁ ଦେଖୁ ନିଦ୍ରା ଆସି ନୟନେ ଘାରିଲା ।।
ଦୈବାତ୍ ବିଚିତ୍ରକଥା ଘଟିଲା ସେଠାରେ । ପୁଅ ଭାରିଯା ତାହାର ଆସି
ପ୍ରବେଶିଲେ ।। ସାତଦିନ ହେଲା ଉପବାସ ହୋଇଛନ୍ତି । ପେଟ ବିକଳ
ନ ସହି ରୋଦନ କରନ୍ତି ।। ଆହାରେ ଦଇବ ଅଟୁ ଏଡ଼େ ତୁ ଦାରୁଣ ।
କିମ୍ପା ଦେଇଛୁ ଆମ୍ଭଙ୍କୁ ଏ ଘୋର କଷଣ ।। ମନୁ ମଙ୍ଗରାଜ ଘରଦ୍ୱାର
ସବୁ ନେଲା । ମଙ୍ଗୁ ପାଇକରା ଗ୍ରାମରୁ ଯେ କାଢ଼ିଦେଲା ।। ଆଶ୍ରେ
ନେଲୁ ଆମ୍ଭେ ଯାଇ ମଣିଓଝା ଘରେ । ଭିକ୍ଷାମାଗି ଚଳୁଥିଲୁ ଭୋକ
ଉପାସରେ ।। ସେଠାବରେ ପାଇକରା ହାଣ୍ଡି ଭାଙ୍ଗିଦେଲା । ଗ୍ରାମଲୋକଙ୍କୁ
ଲଗାଇ ମାଡ଼ ମରାଇଲା ।। ବୁଲୁଅଛୁ ଆଜି ଦିନ ପେଟ ବିକଳରେ । ଏ
ବାଳକ କାନ୍ଦି ମରେ ଦୁଃଖ ଆକୁଳରେ ।। କି କରିବି କେଣେ ଯିବି ବୁଦ୍ଧି
ନ ଦିଶଇ । ଆହେ ପ୍ରଭୁ ଦୟାକର ବ୍ରହ୍ମାଣ୍ଡ ଗୋସାଇଁ ।। ନିଦରୁ ଉଠିଣ
ଅନ୍ଧ ଶୁଣି ସେ ରୋଦନ । ଧାଇଁଣ ଦେଖିଲା ପୁତ୍ର ନାରୀଙ୍କ ବଦନ ।।
କୋଳାକୋଳି ହୋଇ ବହୁ କନ୍ଦାକଟା କଲେ । ରଙ୍କ ନିଧି ପ୍ରାପ୍ତ ପରି
ଆନନ୍ଦ ଲଭିଲେ ।। ସ୍ତିରୀ ପଚାରିଲା ତୁମେ ଅନ୍ଧ ହୋଇଥିଲ । କିପରି
ହେ ପ୍ରାଣଧନ ନୟନ ପାଇଲ ।। ଶନିଙ୍କ କଥା କହିଲା ଅନ୍ଧ ବିସ୍ତାରିଣ ।
ଯେମନ୍ତ କଲା ସେ ମେଳା ତାହାର ବିଧାନ ।। ଶୁଣି ବୋଲେ ଚାଲ
ଏବେ ଗୃହକୁ ଚଳିବା । ଦୁଃଖ କଷ୍ଟ କରି ତାଙ୍କୁ ପାଞ୍ଚମେଳା
ଦେବା ।। ଏହିପରି ପରାମର୍ଶ କରି ତିନିଜଣ । ପ୍ରବେଶିଲେ ନିଜ ଭଙ୍ଗା
ଗୃହେ ତତ୍‌କ୍ଷଣ ।। ବନ୍ଧୁ ବାନ୍ଧବମାନଙ୍କୁ ନିମନ୍ତ୍ରଣ କଲେ । ହରଷରେ
ସେହୁ ପାଞ୍ଚଗୋଟି ମେଳା ଦେଲେ ।। ସେ ନଗ୍ରେ ଯେତେକ ଲୋକ
ଥିଲେ ଅପୁତ୍ରିକ । ଶନି ଦୟାରୁ ଦେଖିଲେ ସର୍ବେ ପୁତ୍ରମୁଖ ।। ଦିନୁ ଦିନ
ଶନିମେଳା ବୃଦ୍ଧି ହେଲା ଯହୁଁ । ସେ ନଗର ଜମିଦାର କ୍ରୋଧ ବହି ତହୁଁ ।।

smartedguide.com

ଆଜ୍ଞା ଦେଲେ ଯେହୁ ଶନିମେଳା ଆଚରିବ । ଏଠାରେ ସେ ଘରକରି ରହି ନ ପାରିବ ।। ମଙ୍ଗୁ ପାଇକରା ଅଟେ ନଗ୍ର ସରଦାର । ତାକୁ ଡକାଇ ପୁଣି ସେ କହେ ବାରମ୍ବାର ।। ଆହେ ସର୍ଦ୍ଦାର ଯେ ଶନିମେଳା କରୁଥିବ । ତୁମ୍ଭେ ଯାଇଣ ତାହାକୁ ଭାଙ୍ଗି ପକାଇବ ।। ଏଭଳି ତାଗିଦା ଶୁଣି ସର୍ବେ ଡରିଗଲେ । ଜମିଦାର ଭୟେ କେହି ମେଳା ନ କରିଲେ ।। ହରିସାହୁ ଏକା କାହାକୁ ନ ମାନିଲା । ବନ୍ଧୁବାନ୍ଧବ୍ ଡକାଇ ମେଳା ଆରମ୍ଭିଲା ।। ପାଇକରା ଲୋକ ମୁଖୁଁ ପାଇଣ ସନ୍ଧାନ । ପ୍ରବେଶ ହୋଇଲା ମେଳା ମଣ୍ଡପେ ଯାଇଣ ।। ହରିସାହୁକୁ ସେ ଗାଳିଦେଲେ ଅତି କ୍ରୋଧେ । ବୋଇଲା ଜମିଦାରଙ୍କୁ ନ ମାନିଲୁ ଗର୍ବେ ।। ତେଣୁ ତୋ ଅପ୍ରାଧ ଆଉ ନୋହିବ ମାର୍ଜ୍ଜନା । ଦେବୁ ପାଞ୍ଚଶହ ଟଙ୍କା ନିଶ୍ଚେ ଜୋରିମାନା ।। ମେଳା ଆସ୍ଥାନକୁ ଭାଙ୍ଗି ଫୋପଡ଼ାଇ ଦେଲା । ସେଠାରେ ଥିବା ଲୋକଙ୍କୁ ମାଡ଼ ମରାଇଲା ।। ନିଜ ପୁତୁରାକୁ ଡାକିନେଲା ନିଜ ଘରେ । ଶୋଇଲା ଆନନ୍ଦେ ଯାଇ ଖଟ ସୁପାତିରେ ।। ଶନି କ୍ରୋଧ କଲେ ତାର ହେଲା ଅମଙ୍ଗଳ । ଦୁର୍ଦ୍ଦଶା ପଡ଼ିଲା ଯେବେ ହୋଇଲା ସକାଳ ।। ଗାଧୋଇବା କାଳେ ସେହୁ ଜଳେ ବୁଡ଼ିଗଲା । ତିନିଦିନ ପରେ ପୁଣ ଶ୍ୱାସରେ ପଡ଼ିଲା ।। କିଛିଦିନ ରହି ପୁଣି ଯମପୁର ଗଲା । ପାଇକରା ବୁଢ଼ା ଭାଳି ଭାଳି ନାଶ ହେଲା ।। ଜମିଦାରଙ୍କ ଦୁର୍ଦ୍ଦଶା କହିଲେ ନସରେ । ଧନ କିଛି ନ ରହିଲା ଭଣ୍ଡାର ମଧ୍ୟରେ ।। ଜର ରୋଗ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇ ।। ବଂଶ ପଦା ହେଲା ଅଉଷଧ ନ ମାନଇ ।। କେତେ ଧାନ ସଞ୍ଚିଥିଲା ଅମାର ଭିତରେ । ମୂଷା ବୋହିନେଲେ ସବୁ ମାସ ଗୋଟିକରେ ।। ହାହାକାରେ ଜମିଦାର କାନ୍ଦି ମରୁଥିଲା । ଦୈବ ଦିନେ ଶନିକଥା ମନେପଡ଼ିଗଲା ।। ତହୁଁ ବିଚାରେ ମୁଁ ହେଲି ଶନିଶ୍ଚର ଦ୍ରୋହୀ । ତେଣୁ ଏ ଦଣ୍ଡ ଭୋଗିଲି ନିଶ୍ଚେ ଜାଣିଲଇଁ ।। ଆହେ ମହାଗ୍ରହ ମୋର ଦୋଷ କ୍ଷମା କର । ତୁମ୍ଭ ମେଳା ମନାସୁଛି କରିବି ଏଥର ।। ଏତେ ଭାଳି ଡକାଇଲେ ସେ ହରିସାହୁକୁ । ବିଧିରେ ପୂଜିଲା ଶନିଶ୍ଚର ଯେ ଗ୍ରହଙ୍କୁ ।।

ଖାଇ କଦଳୀ ନଡ଼ିଆ ତିନିଗୋଟି ଗୁଆ । ତଇଳ ଜଳିଲା ମାଟିଦୀପେ ଥାପି ଲୁହା ॥ ପାଞ୍ଚମେଳା ନିଜ ଗୃହେ ନିଜେ ନିଜେ କଲା । ଶେଷ ମେଳାକୁ ବ୍ରାହ୍ମଣ ହାତେ କରାଇଲା ॥ ବନ୍ଧୁବାନ୍ଧବମାନଙ୍କୁ କଲା ନିମନ୍ତ୍ରଣ । ଶନିଗ୍ରହ ନାମେ ହୋମ ଆହୁତି ପ୍ରଦାନ ॥ କରି ମେଳା ବଢ଼ାଇଲା କରି ବହୁ ସ୍ତୁତି । ଦୋଷ କ୍ଷମା କର ବୋଲି ସାଷ୍ଟାଙ୍ଗେ ପ୍ରଣତି ॥ ମେଳା ଶେଷେ ସେଠାରେ ଯେ ବାଣ୍ଟିଲା ପ୍ରସାଦ୍ । ଖାଇପିଇ ଗଲେ ସର୍ବେ ଲଭିଣ ଆନନ୍ଦ ॥ ସେ ମେଳାକୁ ଯାଇଥିଲା ଏକ କୁଷ୍ଠରୋଗୀ । ନାମ ସଦାନନ୍ଦ ତାର ଜାତିରେ ସେ ଯୋଗୀ ॥ ମନାସି କହିଲା ଆହେ ଗ୍ରହରାଜ ଶନି । ଶ୍ରୀଚରଣେ ଏକମାତ୍ର କରୁଛି ମାଗୁଣି ॥ ପୂର୍ବ ପାତକ ମୋହର କରିଣ ବିନାଶ । ଘୁଞ୍ଚାଇ ଦିଅ ଶରୀରୁ ମୋର ରୋଗ କ୍ଳେଶ ॥ ଏତେ ବୋଲି ଭକ୍ତିଭରେ ପ୍ରଣିପାତ ହେଲା । ହୋମ ପାଉଁଶକୁ ଆଣି ସର୍ବାଙ୍ଗେ ବୋଳିଲା ॥ ଶିରେ ଢାଳିଲା କଳସ ଜଳକୁ ନେଇଣ । ତହିଁ ପ୍ରେମରେ ଖାଇଲା ପ୍ରସାଦ ମାଗିଣ ॥ ଶନି ରାହୁ କେତୁଙ୍କୁ ଯେ ସ୍ତୁତି ବାକ୍ୟ କହି । ମନାସିଲା ଯେବେ ରୋଗମୁକ୍ତ ହେବି ମୁହିଁ ॥ ଆହେ ଶନିଶ୍ଚର ଯେବେ କୃପା ମୁଁ ପାଇବି । ନିଶ୍ଚୟ ମନାସିଲି ପାଞ୍ଚୋଟି ମେଳା ଦେବି ॥ ଏହିପରି କିଛିଦିନ ଗତ ଯହୁଁ ହେଲା । ସଦାନନ୍ଦକୁ ଯେ କୃପା କଲେ ରବିବାଳା ॥ ଦେଖୁ ଦେଖୁ ଶରୀରରୁ ଘାଆ ଶୁଖିଯାଇ । ଛିଣ୍ଡିଥିବା ଅଙ୍ଗମାନ କଅଁଳ ଆସଇ ॥

ଦେଖି ନଗର ଲୋକେ ତାଟକା ହୋଇଲେ । ଧନ୍ୟ ମହାଗ୍ରହ ଶନି ବୋଲି ପ୍ରଣମିଲେ ॥ ଜମିଦାର ଘର ପୂର୍ବ ପରି ଜମିଗଲା । ଧନ ଜନ ଗୋପଲକ୍ଷ୍ମୀ ପରିପୂର୍ଣ୍ଣ ହେଲା ॥ ଦିନକୁ ଦିନ ମେଳା ସେ ହେଲା ବିବର୍ଦ୍ଧନ । ଭକ୍ତିରେ ପୂଜିଲେ ଶନିଶ୍ଚର ନଗ୍ରଜନ ॥ ନଟିଆ ବାରିକ ନାମେ ଥିଲା ଜଣେ ଲୋକ । ତିନି ବିଭାହେଲା ନ ଦେଖିଲା ପୁତ୍ରମୁଖ ॥ ତେଣୁ ସେ ଶନିଶ୍ଚରଙ୍କୁ ବିନୟେ ଜଣାଇ । ବୋଲେ ଭୋଦେବ ମୋ ମନଆଶା ନ ମେଣ୍ଟଇ ॥ ତିନି ବିଭା ହେଲି ତେବେ ନୋହିଲା ବାଳକ । ତୁମ୍ଭ ଦୟାରୁ

ଦେଖିବି ଯେବେ ପୁତ୍ରମୁଖ ।। ତେବେ ପାଞ୍ଚମେଳା ମୁହିଁ ଦେବି ଭକତିରେ । ଏତେ ବୋଲି ପ୍ରସାଦ ଯେ ମାଗିନେଲା କରେ ।। ତିନି ଭାରିଯାଙ୍କୁ ବାଣ୍ଟି କହେ ଧୀର ମନେ । ମାନସିକ କରି ଖାଅ ଶନିଶ୍ଚର ନାମେ ।। ନିଶ୍ଚୟ କୁମର ହେବ ନାହିଁଟି ସନ୍ଦେହ । ବଡ଼ ଭାରିଯା ଚିଡ଼ିଣ କହେ ଯାଅଯାଅ ।। ସାନକୁ ଦିଅ ତୁମର ଅଟେ ସେ ସୋହାଗୀ । ମୋର ଲୋଡ଼ା ନାହିଁ ପୁଅ ଅଟେ ହତଭାଗୀ ।। ମଝିଆଣୀ ନେଇ କେବେହେଲେ ନ ଖାଇଲା । ଲୁଚାଇ ଖତଗଦାକୁ ରାତ୍ରେ ଫିଙ୍ଗିଦେଲା ।। ସାନ ନାମ ଯେ ଅହଲ୍ୟା ଯେ ଅଲିଅଳୀ ବାଳୀ । ପାଇ ପ୍ରସାଦ ଶନିଙ୍କୁ ହେଲା ନିଓଛାଳି ।। ସେ ପାଞ୍ଚମେଳା ମନାସିଲା । କିଛିଦିନ ପରେ ପୁଣି ରଜୋବତୀ ହେଲା ।। ଶନିଶ୍ଚର ପାଦେ ଚିତ୍ତ ରଖି ସ୍ୱାମୀ ସଙ୍ଗେ । ବିହରିଲେ ପୁତ୍ର ଆଶେ ହାସ୍ୟରସ ରଙ୍ଗେ ।। ଗର୍ଭ ସଞ୍ଚରିଲା ଅଙ୍ଗ ଲାଗିଲା ଅଳସ । ସପତଣୀମାନେ ଦେଖି ହୋଇଲେ ବିରସ ।। ବଚାରନ୍ତି ଗୁପ୍ତେ ଯାକୁ ପକାଇବା ମାରି । ମୁଖରେ ମଧୁର ଥାଏ ଅନ୍ତରେ କତୁରି ।। ଛଅମାସ ହେଲା ମନେ ସାଧ ଖାଇବାକୁ । ଅତି ମଧୁର କଥାରେ କହିଣ ତାହାକୁ ।। ଭଲଭଲ ପିଠାମାନ କରିଲେ ତିଆରି । ପୁର ମଧ୍ୟରେ ବାଳିଏ କାଳକୂଟ ଭରି ।। ଛେନାପଣା କଲେ ଗୁଡ଼ କୋଚିଲା ମିଶାଇ । ବୋଇଲେ କପଟ ବାକ୍ୟେ ତାକୁ ସମଝାଇ ।। ଅରୁଚି ଛାଡ଼ିବ ଏହି ପାଣି ପିଇ ଦେଲେ । ମନସାଧ ମେଣ୍ଟିବ ଏ ପିଠାକୁ ଖାଇଲେ ।। ଅହଲ୍ୟା ଶୁଣି ଏକଥା ପ୍ରମାଦ ଗଣିଲା । ମନରେ ତାର ବହୁତ ସନ୍ଦେହ ଆସିଲା ।। ତେଣୁ ସେ ମନ ଲଗାଇ ଶନିଙ୍କ ପୟରେ । ଜାଣିଲା ନିଶ୍ଚୟ ବିଷ ମିଶିଛି ଏଥିରେ ।। ଖାଇବା ଆଗରୁ କିଛି ପିଠାପଣା ନେଇ । ପରୀକ୍ଷା ଆଶାରେ କାକ ଆଗେ ଦେଲା ଥୋଇ ।। ଖାଇଲା ମାତ୍ରକେ କାକ ପରାଣ ତେଜିଲା । ନଗର ଯାକରେ କଥା ଚହଳ ପଡ଼ିଲା ।। ଶୁଣି ନିନ୍ଦିଲେ ସେ ସପତଣୀଙ୍କୁ ସମସ୍ତେ । ନଟିଆ ପୁଣି ଘଡ଼ିଏ ରହିଲା ଚକିତେ ।। କାହାକୁ କିଛି ନ କହି ମଉନେ ରହିଲା । ଅହଲ୍ୟାକୁ ତାଙ୍କଠାରୁ ଭିନ୍ନେ କରାଇଲା ।।

smartedguide.com

ଦାସଦାସୀ ଖଞ୍ଜିଦେଲା ରନ୍ଧବଢ଼ା ପାଇଁ । ବହୁକଥା କାନେ କାନେ କହିଲା ବୁଝାଇ ।। କେ ବୋଲେ ଅହଲ୍ୟା ତାଙ୍କ ପାଶେ ନ ପଶିବୁ । ଜ୍ୱର ହେଲେ ପାନଖଣ୍ଡେ ସୁଦ୍ଧା ନ ଖାଇବୁ ।। ଶନି ପାଦେ ମନେରଖି କାଟୁଥିବୁ ଦିନ । ଅବଶ୍ୟ କରିବେ ସେ ତୋ ବିପଦ ଖଣ୍ଡନ ।। ଏତେ କହି ବିଦେଶକୁ ରୋଜଗାର ପାଇଁ । ନଟିଆ ଚଳିଲା ଶନିଶ୍ଚର ପାଦେ ଧ୍ୟାୟି ।।

ଏବେ ସପତଣୀମାନେ କୁଟ ଆରମ୍ଭିଲେ । ଦାସୀ ମାନଙ୍କୁ ସେ ଧନରତ୍ନେ ବଶ କଲେ ।। ବୋଇଲେ ନରି ରହ ତୁମ୍ଭେ ଅହଲ୍ୟା ପାଶରେ । ଦରମା ଦେବୁ ଜଣାଇ ସକଳ ମାସରେ ।। ଏହା ଶୁଣି ଦାସଦାସୀ ହୋଇଲେ ଅନ୍ତର । ପଞ୍ଚମଦଶା ପଡ଼ିଲା ସପତଣୀଙ୍କର ।। ଦୁହେଁ ମେଳ ବାନ୍ଧି ଅହଲ୍ୟାକୁ ମାଡ଼ ଦେଲେ । ବସ୍ତ୍ର ଅଳଙ୍କାରମାନ ଛଡ଼ାଇ ରଖିଲେ ।। ଛିଣ୍ଡା ଲେଙ୍ଗଟା ପିନ୍ଧାଇ ଘରୁ ଦେଲେ ତଡ଼ି । ଆପେ ରହିଲେ ସେ ଦିହେଁ ଠାଆଣୀକୁ ମାଡ଼ି ।। କାନ୍ଦି କାନ୍ଦି ଅହଲ୍ୟା ଯେ ଗମିଲା ବନକୁ । ସାତମାସ ଗର୍ଭଭାର ଦିଏ ତା ତନୁକୁ ।। ଚାରିଦିନ ଉପବାସେ ପାଦ ନ ଚଳଇ । ପଦେ ପଦେ ମୁଣ୍ଡ ଚକ୍ର ପରାୟ ବୁଲଇ ।। ଖୋଜେ ଗଲେ ପୁଣି ବସେ ଡାକେ ଶନିଶ୍ଚର । ଏ ଘୋର କଷ୍ଟରୁ ପ୍ରଭୁ ମୋତେ ପାରିକର ।। ତୁମେ ନ ରଖିଲେ ମୋର ନାହିଁ ଆନ ଗତି । ବିଦେଶେ ପତି ମୋ ବାର୍ତ୍ତା କିଛି ନ ଜାଣନ୍ତି ।। ସପତଣୀମାନେ ମାରି ଦେଲେ ଘଉଡ଼ାଇ । ଏକେତ ଉଦର ବୋଝ ପ୍ରଭୁ ଛନ୍ତି ଦେଇ ।। ଏଣେ ଅନ୍ନ କଷ୍ଟ ତେଣେ ବନବାସ ଦୁଃଖ । ସକଳ ବିପଦୁ ମୋତେ ଗ୍ରହରାଜ ରଖ ।। ଏହିପରି ବାଳି ଯହୁଁ ଆକୁଳେ କାନ୍ଦିଲା । ଶନିଶ୍ଚରଙ୍କ ମନରେ ଦୟା ସଞ୍ଚରିଲା ।। ଅକସ୍ମାତ ହେଲା ତହିଁ ଅପୂର୍ବ ଘଟନ । ଶବର ଶବରୀ ଶୁଣି ପାରିଲେ କ୍ରନ୍ଦନ ।। ଶିକାର ଆଶାରେ ସେହି ବନେ ବୁଲୁଥିଲେ । ଅହଲ୍ୟା ରୋଦନ ଶୁଣି ପାଖକୁ ଆସିଲେ ।। ବୋଇଲେ ଗୋ ନାରୀ କିମ୍ପା କାନ୍ଦୁଅଛୁ ତୁହି । ବସ୍ତ୍ର ଅଳଙ୍କାର କିମ୍ପା ତୋ ଅଙ୍ଗରେ ନାହିଁ ।। ଭଲଲୋଭ ଝିଅ ପରି ଲାଗୁଅଛି ମୋତେ । ମନକୁ ଆସିଲୁ କିବା କହ ସତ୍ୟ ଅର୍ଥେ ।। ଭୟ ନ କର ଆମ୍ଭେ ଏ ବନର

ଶବର ॥ ନିଶ୍ଚୟ ଦୁଃଖ ଦୁର୍ଦ୍ଦଶା ଘୁଞ୍ଚାଇବୁ ତୋର ॥ ଏପରି ଅଭୟବାଣୀ ଶୁଣିଲା ଅହଲ୍ୟା । ସବୁ ଦୁଃଖକଥା ତାଙ୍କ ଆଗେ ପ୍ରକାଶିଲା ॥ ସ୍ୱାମୀ ସପତଣୀ ପୁଣି ଗର୍ଭବାସ କଥା । କହି କହିକି ପୋତିଲା ଆପଣାର ମଥା ॥ ତାର ଦୁଃଖ ଶୁଣି ବୋଲେ ହସି ଯେ ଶବରୀ । ଆସଲୋ ଝିଅ ହେଇ ତୁ ରହିବୁ ମୋହରି ॥ ବନଦେବୀଙ୍କୁ ସାକ୍ଷୀ କରି ମୁଁ କହୁଅଛି । କ୍ଷଣେ ହେଲେ ନ ପାରିବି ପାଶରୁ ମୁରୁଛି ॥ ଫଳମୂଳ ଆଣି ଦେବି ଆନନ୍ଦେ ଖାଇବୁ । ଆମ୍ଭ କୁଡ଼ିଆରେ କନ୍ଥା ବିଛାଇ ଶୋଇବୁ ॥

ଶୁଣି ଅହଲ୍ୟା ଚଳିଲା ଶବର ଘରକୁ । ଶନିଶ୍ଚର ପଦେ ରଖିଥାଏ ଅନ୍ତରକୁ ॥ ଦୁଃଖକ୍ଳେଶ ଘୁଞ୍ଚିଗଲା ସୁଖରେ ରହିଲା । ଦିନ ପରେ ଦିନ ଗଡ଼ି ଆଠମାସ ହେଲା ॥ ଆଠମାସ ଯାଇ ଦଶମାସ ଦଶଦିନ । ଏକାଦଶୀ ଶନିବାର ହୋଇଲା ପୂରଣ ॥ ଶନିଶ୍ଚର ଦୟା କଲେ ଜନ୍ମହେଲା ପୁତ୍ର । ପଞ୍ଚୁଆତି ଷଷ୍ଠୀ ପୁଣି କଲେ ଦଶରାତ୍ର ॥ ଏକୋଇଶାରେ ପୂଜିଲେ ସତ୍ୟନାରାୟଣ । ନାମ ଗୋଟି ଦେଲେ ଶବରୁଣୀ ଯେ ସୁଦାମ ॥ ଶବର ଆନନ୍ଦ କେ ପାରିବ ଅବା କହି । ଧରାକୁ ସେ ସରା ପରି ମନେ କରୁଥାଇ ॥ ଶନିଶ୍ଚରଙ୍କ ପାଞ୍ଚମେଳା ଯେ କରାଇଲା ॥ ବନ୍ଧୁ ପଡ଼ୋଶୀମାନଙ୍କୁ ପ୍ରସାଦ ବାଣ୍ଟିଲା ॥ ହୋମ ଆହୁତି ଇତ୍ୟାଦି ବିଧିବିଧାନରେ । ଫଳଫୁଲ ପୂଜା କରିଦେଲା ଶନିଶ୍ଚରେ ॥ ନାତିକୁ ପାଳିଲା ମନେ ହୋଇଣ ଆନନ୍ଦ ॥ ଦିନୁଦିନ ବଢ଼େ ବାଳ ଯେହ୍ନେ ପୂର୍ଣ୍ଣଚନ୍ଦ୍ର ॥ ସକଳ ବିଦ୍ୟା ତାହାକୁ ଶିଖାଇଲା ବନେ । ଶବର ପିଲାଙ୍କ ସଙ୍ଗେ ଖେଳେ ରାତ୍ରଦିନେ ॥ କ୍ରମେ ପନ୍ଦର ବରଷ ହୋଇଲା ତାହାଙ୍କୁ । ନ ଛାଡ଼ଇ କ୍ଷଣେ ହେଲେ ଶବର ଅଜାଙ୍କୁ ॥ ଦଇବର ଘଟସୂତ୍ର ଅଟଇ ବିଚିତ୍ର । ଖେଳୁଛି ସୁଦାମ ଦିନେ ପିଲାଙ୍କ ସହିତ ॥ ଏକାଳେ ଦେଖିଲା ହାତୀ ମୁଣ୍ଡାଇ କଳସ । ବୁଲୁଅଛି ରାଜା ଖୋଜି ଖୋଜି ଦଶଦିଶ ॥ ସେ ରାଜ୍ୟେ ରାଜକ ଶୂନ୍ୟ ହୋଇଅଛି ରହି । ତେଣୁ ହାତୀ ବୁଲେ ସୁନା କଳସ ମୁଣ୍ଡାଇ ॥ ଯାହା ମୁଣ୍ଡେ ଢାଳିବ ସେ

smarteduguide.com

ରାଜ୍ୟେ ହେବ ରାଜା । ଖଟିବେ ତା ପାଦତଳେ ସକଳ ପରଜା ॥ ଅକସ୍ମାତ୍ ପାଟହାତୀ ଆସିଣ ପଲାସୀ । ସୁଦାମ ମୁଣ୍ଡେ ଢାଳିଲା ସୁବର୍ଣ୍ଣ କଳସୀ ॥ ରାଜ ଭୃତ୍ୟମାନେ ତାଙ୍କୁ ସମାଦର କରି । ହାତୀରେ ବସାଇ ଘେନି ଗଲେ ମୋଦ ଭରି ॥ ପାତ୍ରମନ୍ତ୍ରୀ ଡକାଇ ସେ ଅଭିଷେକ କଲେ । ସେ ଦିନ ସୁଦାମ ତହିଁ ରାଜା ବୋଲାଇଲେ ॥ ପାଖରେ ବସି ଭୃତ୍ୟଙ୍କୁ ବିହିଲେ ଆଦେଶ । ଯାଅ ବେଗେ ମାତାଙ୍କୁ ମୋହର ଘେନି ଆସ ॥ ଶବର ଶବରୁଣୀ ମୋ ଅଜା ଆଇ ଜାଣ ॥ ତାଙ୍କୁ ଛାଡ଼ି ନ ଆସିବ ହେତୁକରି ଆଣ ॥ ଆଜ୍ଞା ପାଇ ଡଗରା ଯେ ବେଗେ ଚଳିଗଲେ । ଯାନରେ ବସାଇ ତିନିଜଣଙ୍କୁ ଆଣିଲେ ॥ ଶନି ଦୟାରୁ ଅହଲ୍ୟା ରହିଲା ସୁଖରେ । ପୁତ୍ର ତାର ରାଜା ହୋଇ ବସିଲା ଗାଦୀରେ ॥ ଏଥୁଅନ୍ତେ ଶୁଣ ସପତଣୀଙ୍କ ଦୁର୍ଦ୍ଦଶା । ନଟିଆ ବିଦେଶୁ ଫେରି ଆସିଲା ସହସା ॥ ଅହଲ୍ୟାକୁ ନ ଦେଖି ତା ହଂସା ଉଡ଼ିଗଲା । କେଣେ ଗଲା ବୋଲି ବେନି ପତ୍ନୀଙ୍କୁ ପୁଛିଲା ॥ ବଡ଼ କହେ ହାଣ୍ଡିଖାଇ ହଗିଲା ଚୁଲୀରେ । ରାତ୍ରେ ଉଠି ମୂତିଲା ଦେଇପିଣ୍ଡିଠାରେ ॥ ଆମ୍ଭେ କହିବାରୁ ଖାଲି ଚିଡ଼ିଚିଡ଼ି ହେଲା । ରାତ୍ର ଅର୍ଦ୍ଧେ କେଣେ ଗଲା କେହି ନ ଜାଣିଲା ॥ ବହୁ ବସ୍ତ୍ର ଅଳଙ୍କାର ନେଇଛି ଚୋରାଇ । ଖୋଜି ଖୋଜି ଥକିଲୁଣି ପତ୍ତା ମିଳୁନାହିଁ ॥ ଅକାରଣରେ ସିନା ତୁମ୍ଭେ ଦେବ ଆମ୍ଭ ଦୋଷ । ଭଲକରି ଦାସଦାସୀଠାରୁ ବୁଝି ଆସ ॥ ଏମନ୍ତ ଶୁଣି ନଟିଆ କାନ୍ଦି ପକାଇଲା । ଆହାରେ ଦଇବ ବୋଲି ଭୂଇଁରେ ଶୋଇଲା ॥ କି କରିବି କେଣେ ଯିବି ବୁଦ୍ଧି ନ ଦିଶଇ । ସାତମାସ ଗର୍ଭଭାର ଥିଲା ବାଳା ବହି ॥ କାହିଁ ଯିବି କେଉଁପରି ପାଇବି ସନ୍ଧାନ । ଏତେ ବୋଲି ବୁଦ୍ଧି ଦିଶେ ବିଚାର କରିଣ ॥ ଯୋଗୀବେଶ ଧରିଣ କେନ୍ଦରା ବଜାଇଲା । ଅହଲ୍ୟା ଗୁଣ ବାଖୁନି ଭିକ୍ଷା ସେ ମାଗିଲା ॥ କିଛିଦିନେ ପହଞ୍ଚିଲା ଅବନ୍ତୀ ନଗରେ । ସୁଦାମ ହୋଇଛି ରାଜା ସେହି ନଗରୀରେ ॥ ରାତ୍ରେ ଆଶ୍ରା ନେଲା ସେହି ଧରମଶାଳାରେ । ପ୍ରଭାତେ ଶନିଶ୍ଚରଙ୍କୁ ଚିନ୍ତିଣ ଅନ୍ତରେ ॥ ଶନି ରାହୁ କେତୁଙ୍କୁ ସେ ପ୍ରଣାମ କରିଲା ।

ମନେ ମନେ ପାଞ୍ଚମେଳା ମାନସିକ କଲା ।। ପୁଅ ଭାରିଜାଙ୍କୁ ପ୍ରଭୁ ଦିଅ ହେ ମିଳାଇ । ପାଇଲେ ଆନନ୍ଦେ ମେଳା କରିବି ଗୋସାଇଁ ।। ଏତେ ବୋଲି କେନ୍ଦରାରେ ମିଳାଇଣ ସ୍ୱର । ରାଜତୋରଣରେ ନଟ ପ୍ରବେଶ ସତ୍ୱର ।। ଅହଲ୍ୟାର ଗୁଣଗାଇ କେନ୍ଦରା ଘଷନ୍ତେ । ଜମା ହୋଇଗଲେ ବହୁ ଲୋକ ରାଜପଥେ ।। ଯେ ଶୁଣିଲା ଗୀତ ତାର ହେଲା ସେ ମୋହିତ । ଧନ୍ୟଧନ୍ୟ ପରଶଂସା ଶୁଭିଲା ବହୁତ ।। ଅନ୍ତପୁରେ ରାଜମାତା ଥିଲେ କାର୍ଯ୍ୟବ୍ୟସ୍ତ । ଦଉଡ଼ି ଆସିଲେ ଛାଡ଼ି ଶୁଣିବାକୁ ଗୀତ ।। ଦାସୀମାନେ ମନକର୍ଣ୍ଣ ଡେରି ଶୁଣୁଥାନ୍ତି । ପତିଙ୍କୁ ଚିହ୍ନି ବୋଇଲେ ସେ ଅହଲ୍ୟା ସତୀ ।। ଏକି ସେହି ନଟ ମୋର ବାଞ୍ଛା କଳ୍ପତରୁ । ଯୋଗୀ ହୋଇଅଛ ଆଜି ପ୍ରିୟା ବିଚ୍ଛେଦରୁ ।। ନଟ କହେ ତୁହି କି ମୋ ଅହଲ୍ୟା ସୁନ୍ଦରୀ । ରହିଅଛୁ ଦୂରେ ମୁହଁ ଛପା ଦେଇକରି ।। ଲୋତକ ବହିଲା ନେତ୍ରୁ ଉଠେ ପ୍ରେମଚ୍ଛ୍ୱାସ । କୋଳାକୋଳି ହେଲେ ଦୁହେଁ ତୁଟିଗଲା କ୍ଲେଶ ।। ରାଜ କଟୁଆଳମାନେ ଦେଖି ଏ ଘଟଣା । ଯୋଗୀକି କହିଲେ କରି ବହୁ କଟକଣା ।। ଆରେ ଦୁରାଚାର ତୋର ଏଡ଼େଇ ଦିମାକ । ରାଜମାତାଙ୍କୁ ଛୁଇଁଲୁ ନାହିଁ ଟିକେ ଦକ ।। ଏତେ ବୋଲି ବାନ୍ଧିକରି ବେଗେ ଘେନିଗଲେ । ନଗର ବାହାର କରାଗାରେ ପୁରାଇଲେ ।। ସ୍ୱାମୀର ଦୁର୍ଦ୍ଦଶା ଦେଖି ଅହଲ୍ୟାସୁନ୍ଦରୀ ।। ପୁତ୍ରକୁ ଡାକି କହଇ ସକଳ ବିସ୍ତାରି ।। ପିତାର ଆଗମ ଶୁଣି ରାଜା ଖୁସି ହେଲେ ।। ଆପଣା ପିତାକୁ ବଳୀଶାକୁ ଅଣାଇଲେ ।। ନମସ୍କାର କରି ପିତା ପୟରେ ସୁଦାମ । ବୋଇଲା ଭୋ ପିତା ମୋର ଅପରାଧ କ୍ଷମ ।। ନଟବର ନୟନରୁ ଅଶ୍ରୁ ବହିଗଲା । ପୁତ୍ର ମୁଖ ଚୁମ୍ବି ନିଜ କୋଳେ ବସାଇଲା ।। ଜୟ ଶନିଶ୍ଚର ମହାଗ୍ରହ ବୋଲି କହି । ନାଚିଲା ନଟିଆ ତହିଁ କରତାଳି ଦେଇ ।। ଆଦ୍ୟପ୍ରାନ୍ତ ସବୁ କଥା ପୁତ୍ରକୁ କହିଣ । ବୋଲେ ଶନିଶ୍ଚର ମେଳା କର ଆୟୋଜନ ।। ତାଙ୍କ କରୁଣା ହେବାରୁ ତୁମ୍ଭକୁ ପାଇଲି । ଏ ଅମର ଜଗତରେ ଧନ୍ୟ ବୋଲାଇଲି ।। ପୁଣି ରାଜା ପାଞ୍ଚଗୋଟି ମେଳା କରାଇଲେ । ବିଧି

ବିଧାନେ ଆହୁତିମାନ ଦିଆଇଲେ ।। ପ୍ରସାଦ ପାଇଲେ ବନ୍ଧୁ କୁଟୁମ୍ବ ସମସ୍ତେ । ବ୍ୟାଧିମୁକ୍ତ ହେଲେ କୁଷ୍ଠରୋଗୀ ଥିଲେ ଯେତେ ।। ଅନ୍ଧକୁ ଦିଶିଲା କାଲ ଶ୍ରବଣ ଫିଟିଲା । ଅପୁତ୍ରିକମାନଙ୍କର ପୁତ୍ରଲାଭ ହେଲା ।। ନିର୍ଦ୍ଧନ ପାଇଲା ଧନ ଖନା କହେ ବାଣୀ । ପଙ୍ଗୁ ଲଭିଲା ପୟର ଚକ୍ଷୁ ପାଏ କାଣୀ ।। ଏହିପରି ନଟିଆର ଭାଗ୍ୟ ଖୋଲିଗଲା । ଏଥୁଅନ୍ତେ ଶୁଣ ଜନେ କେଉଁ କଥା ହେଲା ।। ଅହଲ୍ୟାର ସପତଣୀମାନେ ଘରେ ଥିଲେ । ସ୍ୱାମୀ ଛାଡ଼ି ଆସିବାରୁ ଅବସ୍ଥା ପାଇଲେ ।। ରାତ୍ରେ ଚୋର ପଶି ଧନ ସବୁ ନେଲେ ବହି । ଅନେକ ଗୃହ ଗଲା ଅନଳେ ଭସ୍ମହୋଇ ।। ଖାଇବାକୁ ନ ପାଇଣ ବିକଳ ହୋଇଗଲେ । ଭିକାରୁଣୀ ବେଶ ଧରି ଭିକ ମାଗିଗଲେ ।। ଶନି ମାୟାରୁ ଶରୀର ବିରୂପା ଦିଶିଲା ।। ଯେ ଦ୍ୱାରକୁ ଗଲେ ସେହି ମାରି ଗୋଡ଼ାଇଲା ।। ଶେଷକୁ ନିରାଶ ହୋଇ ପଶିଲେ ବଣରେ । ବୁଲିବୁଲି ପ୍ରବେଶିଲେ ଅବନ୍ତୀନଗରେ ।। ସେହି ନଗ୍ରେ ସୁଦାମଯେ ଅଟଇ ମହାଜନ । ନଟ ଅହଲ୍ୟା ଅଛନ୍ତି ପୁଣି ବିଦ୍ୟମାନ ।। ନିତି ସେ ନଗରେ ଭିକ୍ଷାମାଗି ଖାଇଥାନ୍ତି । ରାତ୍ରେ ମାଲ୍ୟାଣୀ ପିଣ୍ଡାରେ ଯାଇ ଶୋଇଥାଆନ୍ତି ।। ଦିନେ ମାଲ୍ୟାଣୀ ତାହାଙ୍କୁ ପଚାରେ ବିଶ୍ୱାସେ । ଭଲଘର ବୋହୂପରି ତୁମ୍ଭ ରୂପ ଦିଶେ ।। କିମ୍ପା ବୁଲୁଅଛ ଅରକ୍ଷିତ ବେଶ ଧରି । ପେଟ ପାଳୁଛ ନଗରେ ଭିକ୍ଷା ମାଗିକରି ।। ଶୁଣି ଏ ବଚନ କାନ୍ଦି ସେମାନେ କହନ୍ତି । କି କହିବୁ ମାଉସୀଲୋ କର୍ମେ ଯାହା ଅଛି ।। ସପତଣୀକୁ କପଟେ ଘରୁ ଦେଲୁ ତଡ଼ି । ସେ ଯୋଗେ ସ୍ୱାମୀ ଆମ୍ଭଙ୍କୁ ପଳାଇଲେ ଛାଡ଼ି ।। ଶନିଶ୍ଚରଙ୍କର ଚରଣେ ଅପ୍ରାଧ ଅର୍ଜିଲୁ । ଅଦୋଷେ ସଉତୁଣୀର ବିନାଶ ପାଞ୍ଚିଲୁ ।। ଗର୍ଭରେ ଥିଲା ତାହାର ଶିଶୁ ଏକ ଗୋଟି । ସେ ଅପରାଧ ଆମ୍ଭ ଦେହେ ଯାଉଅଛି ଘୋଟି ।। ମରିଥିବ ସପତଣୀ ହେଲା ନାରୀହତ୍ୟା । ଭ୍ରୁଣହତ୍ୟା ପାପେ ଆମ୍ଭେ ହୋଇଲୁ ଅନାଥ ।। ଦାନାକନା ଶୂନ୍ୟହେଲୁ ଖାଉଅଛି ମାଗି । ନ ହେବୁ କିପରି କହ କର୍ମଫଳଭାଗୀ ।। ଏହିପରି କହି ଯହୁଁ ସେ ଅନେଇ କାନ୍ଦିଲେ । ସାନ୍ତ୍ୱନା

ଦେଇଣ ତାଙ୍କୁ ମାଲ୍ୟାଣୀ ଯେ ବୋଲେ ।। ଦୟାବତୀ ଆମ ରାଣୀ ତାଙ୍କୁ ଜଣାଇବି । ତୁମ୍ଭ ପାଇଁ ପଡ଼ିବରତନ ଖଞ୍ଜାଇବି ।। ଆଜିକ ଯାଉ କାଲି ମୁଁ ଯିବି ରାଜପୁର । ମଙ୍ଗଳ ହେବ ତୁମ୍ଭର ଚିନ୍ତାକର ଦୂର ।। ଶୁଣିଲାରୁ ସପତଣୀ ମାଲ୍ୟାଣୀର ପାଦେ । ପଡ଼ି କହୁଛନ୍ତି ଅଶ୍ରୁପ୍ରେମ ଗଦଗଦେ ।। ମାଉସୀ ନୋହୁ ତୁ ମା ଅଟୁ ଲୋ ଆମ୍ଭର । କର ଯୋଡୁଛୁ ଏତକ କର ଉପକାର ।। ଚିରଦିନ ତୋ ସେବାରେ ଦିନ କଟାଇବୁ । ମାଆ ପରି ତୋତେ ଆମେ ମୁଣ୍ଡାଇ ବୁଲିବୁ ।। ଏମନ୍ତ ଶୁଣି ମାଲ୍ୟାଣୀ ରାଜପୁରେ ଗଲା । ଏ ଦୁହିଁଙ୍କ କଥା ରାଣୀ ଆଗେ ଜଣାଇଲା ।। ଶୁଣି ରାଜମାତା ତାଙ୍କୁ ଡକାଇଣ ନେଲେ । ଘର ଗ୍ରାମ ଜାତି ଗୋତ୍ର ପଚାରି ବୁଝିଲେ ।। ଶେଷେ ଚିହ୍ନିପାରି କଲେ ବଡ଼ଭଗ୍ନୀ ମାନ୍ୟ । ଜଳ ଆଣି ଧୋଇଦେଲେ ଦୁହିଁଙ୍କ ଚରଣ ।। ଚମକି ସେ ଦୁହେଁ ଘୁଞ୍ଚି ଯାଇ ଖଣ୍ଡେ ଦୂର । ବୋଇଲେ ଗୋ ରାଜମାତା ଏ କି ଅବିଚାର ।। ଆମ୍ଭେ ଛାର ଭିକାରୁଣୀ ଖାଉଅଛୁ ମାଗି । ତୁମ୍ଭ ହାତ ଗନ୍ଧ ହେବ ଆମ ପାଦ ଲାଗି ।। ବଡ଼ଲୋକ ହୋଇ ତୁମ୍ଭେ କିମ୍ପା ଏହା କର । ଏମନ୍ତ ଦେଖିଣ ଭୟ ହେଉଛି ଆମ୍ଭର ।। ଆସିଥିଲୁ ଆଶା କରି ପୋଡ଼ା ପେଟ ପାଇଁ । ଏବେ ଜାଣିଲୁ ଆମ୍ଭର ଭାଗ୍ୟ ଭଲ ନାହିଁ ।। ଅହଲ୍ୟା ବୋଇଲା ଭୟ ଛାଡ଼ିଲୋ ଭଉଣୀ । ମୁଁ ସେହିହିଁ ଅହଲ୍ୟା ତୁମ ସାନ ସଉତୁଣୀ ।। ମୋତେ ତଡ଼ିଦେଲେ ଯେବେ କୂଟ ମନେ ଧରି । ସାତମାସ ଗର୍ଭ ବହି ଆସିଲି ବାହାରି ।। ଶବରର ଝିଅ ହୋଇ ତା ଘରେ ରହିଲି । ଦଶମାସ ଦଶଦିନେ ପୁତ୍ର ଜନ୍ମିଲି ।। ପନ୍ଦର ବରଷ ଯେବେ ପୁତ୍ରକୁ ହୋଇଲା । ହାତୀ ତା' ମୁଣ୍ଡରେ ସୁନାକଳସ ଢାଳିଲା ।। ତା ନାମ ସୁଦାମ ଏହି ରାଜ୍ୟ ଅଟେ ରାଜା । ମୁହିଁ ରାଜମାତା ରାଜ୍ୟେ କରନ୍ତି ମୋ ପୂଜା ।। କିଛିଦିନ ତଳେ ସ୍ୱାମୀ ଯୋଗୀବେଶ ଧରି । କେନ୍ଦରା ବାଇଲେ ମୋର ଗୁଣଗାନ କରି ।। ପରିଚୟ ପାଇ ତାଙ୍କୁ ରଖିଲି ଏଠାରେ । ତୁମ୍ଭେ ପ୍ରବେଶିଲ ଆସି ଅମୃତ ବେଳାରେ ।। ଛାଡ଼ ପୂର୍ବ କଥା ଆସ ଅନ୍ତଃପୁରେ ଯିବା । ପୁତ୍ରକୁ କଲ୍ୟାଣକରି କାଳ

smarteduguide.com

କଟାଇବା ॥ ଶୁଣି ସପତଣୀଙ୍କର ମୁହଁ ଗଲା ଜଳି । ସତେ ଶ୍ରୀଅଙ୍ଗେ ଲେପି ହୋଇଯାଏ କାଳି ॥ ସେହିପରି ହୋଇ ଦୁହେଁ ମାଗିନେଲେ ଦୋଷ । ନିଜ କର୍ତ୍ତବ୍ୟକୁ ନିଜେ ନିନ୍ଦିଲେ ଅଶେଷ ॥ ଏମନ୍ତ କାଳେ ସୁଦାମ ପରବେଶ ହେଲା । ଏମାନେ କିଏ ସେ ବୋଲି ମାତାଙ୍କୁ ପୁଛିଲା ॥ ଅହଲ୍ୟା ବୋଇଲେ ବଡ଼ଯାଆ ଏ ମୋହର । ଯାଙ୍କ କଲ୍ୟାଣେ ସିନା ତୁ ହେଲୁ ନରବର ॥ ଘରେ ଥିଲେ ହାତୀ ଅବା ପାଆନ୍ତା କିପରି । ଏ ଦେଶେ ହୁଅନ୍ତା କିମ୍ବା ଆଉ ଦଣ୍ଡଧାରୀ ॥ ବଡ଼ କଷ୍ଟେ ସେମାନ ରେ ଜୀବନ ରଖିଲେ । ବହୁ ଦେଶ ବୁଲି ପୁଣି ଏଠାରେ ମିଳିଲେ ॥ ଶୁଣି କୁମର ସାଷ୍ଟାଙ୍ଗେ ପ୍ରଣିପତ୍ୟ ହେଲେ । ବସ୍ତ୍ର ଅଳଙ୍କାରମାନ ଆଣି ପିନ୍ଧାଇଲେ ॥ ମାତୃଭାବେ ପାଦ ପୂଜି ନେଲେ ଆଳୟକୁ । ଏମାନେ ପୂଜିଲେ ଯାଇଁ ସ୍ୱାମୀ ପୟରକୁ ॥ ଏଥୁଅନ୍ତେ ଶୁଣି ଆନ କଥା ଶୁଣ ଧୀରେ । ଶନିଶ୍ଚର ମେଳା ପୁଣି ହେଲା ରାଜପୁରେ ॥ କଳିଙ୍ଗ ନୃପତି କନ୍ୟା ନାମ ରତ୍ନାବତୀ । ତା ବିବାହ ପାଇଁ ପିତା ସତ୍ୟ କରିଛନ୍ତି ॥ ମହା ପର୍ବତରେ ଅଛି ମଣିଚୂଳ ନାଗ । ତାକୁ ବଧି ଯେହୁ ବୀର ମଣି ଆଣିଦେବ ॥ ବିଭା ଦେବ ତାର ସଙ୍ଗେ ରତନବତୀକୁ । ଶୁଣି ବହୁ ବୀରଗଣ ଆସିଲେ ସେଠାକୁ ॥ ସାପକୁ ଦେଖିବା ମାତ୍ରେ ଛାନିଆ ହୋଇଲେ । ବିଭାରୁ କିସ ମିଳିବ ହୁଡ଼ି ପଳାଇଲେ ॥ ମହାବଳବାନ ସାପ ଅତ୍ୟନ୍ତ ପ୍ରକାଣ୍ଡ ଫଣାରେ । ତା ଲୁଚିରହେ ଗୋଟିଏ ଭୂଖଣ୍ଡ ମାସରେ ॥ ଆହାର ପାଇଁ ଥରେ ଥରେ ବାହାରଇ । ବାଘ । ସିଂହ । ଗଣ୍ଡା । ମୃଗ ଇତ୍ୟାଦି ଗିଳଇ ॥ ଅଗ୍ରେ ଯେ ପଡ଼େ କଦାପି ତାର ନାହିଁ ମୁକ୍ତି । ବ୍ୟାଘ୍ର ସମ୍ବର ଶୂକର ଅବା ଘୋଡ଼ା ହାତୀ ॥ ଗିରି ବିବରରେ ବାସ କରିଥାଏ ରହି । ରାତ୍ରଅର୍ଦ୍ଧରେ ମାସକେ ଥରେ ବାହାରଇ ॥ ସେ ସର୍ପର କଥା ରତ୍ନାବତୀ ଲାଭ ଆଶା । ଶୁଣି ସୁଦାମ ଦିନେ ଯେ ଉଠିଲା ସହସା ॥ ମାତାକୁ ବୋଇଲା ମୁହିଁ ସର୍ପକୁ ବଧିବି । କଳିଙ୍ଗ ରାଜଜେମାଙ୍କୁ ରାଣୀ କରାଇବି ॥ ମାତ ବୋଲେ ରଙ୍କୁଣୀଧନକୁ ମୋହର । ଡରି

smartedguide.com

ପଳାଇଲେ ଯହିଁ ମହା ମହାବୀର ।। ସେ ସାପ ପାଖରେ ତୁହି କଦାପି ନ ଯାଅ । କୁମାର ହୋଇ ପଛକେ ଚିରଦିନ ଥାଅ ।। ପୁତ୍ର ବୋଲେ ଚିନ୍ତା କିଛି ନ କର ଜନନୀ । ଶନିଶ୍ଚର ଥିଲେ ମୋର କି ଛାର ଭାଳେଣି ।। ତାଙ୍କ ନାମଧରି ମୁହିଁ ସର୍ପକୁ ବଧିବି ।। ରତ୍ନାବତୀରତନକୁ ନିଶ୍ଚେ ବିଭାହେବି ।। ଏତେ ବୋଲି ପକ୍ଷୀରାଜ ଘୋଡ଼ାରେ ଚଢ଼ିଲା । ଧନୁଶର ଧରି କଳିଙ୍ଗରେ ପ୍ରବେଶିଲା ।। ଅମାବାସ୍ୟା ସେହି ଦିନ ହୋଇଛି ଯୁକତେ । ପ୍ରବେଶ ହେଲା କଳିଙ୍ଗ ନୃପତି ସାକ୍ଷାତେ ।। ବୋଲଇ ସର୍ପକୁ ଆଜି ମାରିପକାଇବି । ଦେଖାଇଦିଅ ତା ବସା ସେଠାକୁ ଚଳିବି ।। କଳିଙ୍ଗ ବୋଇଲେ ତୁମ୍ଭେ କେଉଁ ବେଶ ନୃପ । ସର୍ପକୁ ମାରିବା ପାଇଁ ଖଟାଅ ବହପ ।। ଅତି ଭୟଙ୍କର ସର୍ପ ଗିରିବର ଜିଣି । ଦେଖି ପକାଇଲେ ତାଙ୍କୁ କେତେ ବୀରମଣି ।। ବୃଥାରେ କିମ୍ପାଇଁ ଯାଇ ତାକୁ ଛଳାଇବ । ସୁକୋମଳ ଅଙ୍ଗଟି ତା କବଳରେ ଯିବ ।। ମାସକ ପରେ ସେ ଅମାବାସ୍ୟା ରଜନୀରେ । ଖାଇବା ନିମନ୍ତେ ମାତ୍ର ପଦାକୁ ବାହାରେ ।। ଆଜି ଅମାବାସ୍ୟା ତାର ଖାଇବାର ପାଳି । ତୁମ୍ଭଙ୍କୁ ଦେଖିଲା ମାତ୍ରେ ପକାଇବ ଗିଳି ।। ଅତଏବ କଥା ମାନ ଲେଉଟିଣ ଯାଅ ।। ବୃଥା ନ ମରିବା ନିମନ୍ତେ ମନ ନ ବଳାଅ ।। ସୁଦାମ ବୋଲେ ଦେଖାଅ ତାର ବସା ମୋତେ ।। ମାରିଣ ମୁଁ ଆଣିଦେବି କାଲିର ପ୍ରଭାତେ ।। ଏମନ୍ତ ଶୁଣି କଳିଙ୍ଗ ଦେଖାଇଲେ ପଥ ।। ଧନୁଧରି ଚଳିଗଲା ଅହଲ୍ୟାର ସୁତ ।। ମହାପର୍ବତ ଉପରେ ଛକି ବସିଥିଲା ।। ସାପ ଦେଖି ମହାବଜ୍ର ଶର ଯୋଖିଦେଲା ।। ଶବର ରାଜା ପାଖରୁ ଶିଖିଥିଲା ଯେଣୁ । ବେନିଖଣ୍ଡ ହୋଇ ସର୍ପ କଟିଗଲା ତେଣୁ ।। ପ୍ରାଣ ଗଲାବେଳେ କଲା ଘୋର ଗରଜନ ।। ଚମକିପଡ଼ିଲେ ଶୁଣି ଗ୍ରାମନଗ୍ରଜନ ।। ଘରଛାଡ଼ି ଥୋକେ ଲୋକେ ଯାଆନ୍ତି ପଳାଇ । ଡାକିଲା ସୁଦାମ କେହି ଭୟ କର ନାହିଁ ।। ସର୍ପକୁ ମୁଁ ମାରିଅଛି ନିକ୍ଷେପିଣ ଶର । ତେଣୁ ଗରଜି ପ୍ରାଣ ଛାଡ଼ିଲା ତାହାର ।। ଏହା ଶୁଣି ଲୋକମାନେ ଆନନ୍ଦିତ ହେଲେ । ମଣିଚୂଡ଼ ମଲା

smarteduguide.com

ବୋଲି କରତାଳି ଦେଲେ ।। ସୁଦାମ ତା'ମଣି ଘେନି ସତ୍ୱର ଆସିଲା । କଳିଙ୍ଗ ରାଜାଙ୍କୁ ଦେଇ ନମସ୍କାର କଲା ।। ଅମାତ୍ୟବର୍ଗ ପରଜା ସର୍ବେ ହେଲେ ତୋଷ । ସୁଦାମକୁ ଧନ୍ୟ ଧନ୍ୟ କଲେକ ଅଶେଷ ।। ସର୍ପ ଗୋଟି ଶତ୍ରୁ ଥିଲା ଆମ୍ଭ ରାଇଜକୁ । ଏହି ବୀରମଣି ଆସି ବିନାଶି ତାହାକୁ ।। ଅଭୟ କଲେ ଆମ୍ଭଙ୍କୁ କପାଳ ଖୋଲିଲା । ଆମ୍ଭ ରାଜଜେମା ଆଜୁ ଯାଙ୍କର ହୋଇଲା ।। ସେହି କଳିଙ୍ଗ ନରେନ୍ଦ୍ର ସୁଦାମର କର । ଭିତରକୁ ନେଲେ କରି ମହାସମାଦର ।। ମଣିମୟ ଆସ୍ଥାନରେ ବିଜେ କରାଇଲେ । ଅନ୍ୟ ଦେଶମାନଙ୍କୁ ସେ ନିମନ୍ତ୍ରଣ କଲେ ।। ବିଭାଲଗ୍ନ ସ୍ଥିରହେଲା ଦିନ ହେଲା ଧରା । ଗ୍ରାମେ ଗ୍ରାମେ ବଜାଇଲେ ଉଲ୍ଲାସ ଧେଣ୍ଡରା ।। ନଗରମଣ୍ଡଳ ନୃପ କଲେ ବିଧିମତେ । ତୋରଣମାନ ସଜାଇ ନାନାରଙ୍ଗେ ପଥେ ।। ବିବାହ ଦିବସ ଆସି ହୁଅନ୍ତେ ପ୍ରବେଶ । ଅନ୍ୟାନ୍ୟ ଦେଶୁ ଆସିଲେ ଅନେକ ନରେଶ ।। ସୁଦାମ ରାଜ୍ୟୁ ଆସିଲେ ପାତ୍ରମନ୍ତ୍ରୀଗଣ । ସୁସ୍ୱରେ ବେଦ ପଠନ କଲେକ ବ୍ରାହ୍ମଣ ।। ବାଜିଲା ଶଙ୍ଖମହୁରୀ ଟମକ ନିଶାଣ ।। ଭେରୀତୁରୀ ଦୁନ୍ଦୁଭି ରାଇଜ କମ୍ପାଇଣ ।। ଠାବେ ଠବେ ନୃତ୍ୟରଙ୍ଗ ପାଲା ସଂକୀର୍ତ୍ତନ । ଠାବେଠାବେ ଲାଗିଅଛି ବିବିଧ ଭଜନ ।। ଆଲୋକମାନେ ନଗର ଜଳାୟେ ସ୍ୱର୍ଗକୁ । ଆତସବାଜି ଶବଦ ଥରାଏ ଛାତିକୁ ।। ଇନ୍ଦ୍ର ସଭାକୁ ବଳିଣ କଳିଙ୍ଗମଣ୍ଡଳି । ଦର୍ଶକମନ ନୟନ ନେଉଅଛି ଟାଣି ।। ରତନବେଦୀରେ ବରକନ୍ୟା ବସାଇଲେ । ମନ୍ତ୍ରପଢ଼ି ଦ୍ୱିଜଗଣ ବିଭା ବଢ଼ାଇଲେ ।। ବିମାନେ ବସାଇ ନଗ୍ର ଆଣିଲେ ବୁଲାଇ । ପଞ୍ଚଗ୍ରାସ କରାଇଲେ ବରକନ୍ୟା ନେଇ ।। ବିବିଧ ମିଷ୍ଟାନ୍ନ ଖାଦ୍ୟ ସାମଗ୍ରୀ ସମ୍ଭାର । ଖାଇଲେ ସକଳଲୋକ କରି ଭରପୁର ।। ମାଗନ୍ତାମାନେ ନିଅନ୍ତି ଥାଳି ପୂର୍ଣ୍ଣକରି ।। ଅଇଁଠାପତ୍ର ଚାଟନ୍ତି କୁକୁର କୁକୁରୀ ।। ଝଗଡ଼ା ମେଣ୍ଟିଲା ଏବେ ବର ବାହୁଡ଼ାକି । ଲାଗଇ ଧାଁଧପଡ଼ ଏଣିକି ତେଣିକି ।। ମାହେନ୍ଦ୍ର ବେଳା ଦେଖିଣ କନ୍ୟା ବିଦାକଲେ । ଅଶ୍ୱ ହସ୍ତୀ ଆଦି ବହୁ ଯଉତୁକ ଦେଲେ ।। ପୁରେ ପ୍ରବେଶନ୍ତେ ମାତାମାନେ ଆଗୁସରି । ବରକନ୍ୟା

smartodiaguide.com

ଘେନିଗଲେ ବନ୍ଦାପନାକରି ।। ଚତୁର୍ଥୀ ସପ୍ତମଙ୍ଗଳା ଅନେକ ନରବର । ଶନିଶ୍ଚରମେଳା କଲେ ଆନନ୍ଦମନର ।। ବହୁଲୋକ ଆସିଥିଲେ ନିମନ୍ତ୍ରଣ ପାଇ । ମେଳା ଶେଷେ ଗଲେ ଚଳି ପରସାଦ ନେଇ ।। ଏମନ୍ତ ସମୟେ ଏକ ଧନୀସୌଦାଗର । ବୋଲଇ ଘେନି ସାଗରେ ଯାଉଯାଉ ତାର ।। ବୋଇତ ଖଣ୍ଡିକ ବୁଡ଼ିଗଲା ତୋଫାନରେ । ମାଝିମାନେ ପଳାଇଲେ ପ୍ରାଣବିକଳରେ ।। ସୌଦାଗର ତାଙ୍କ ସଙ୍ଗେ ପଳାଇଆସିଲା । ରାଜାଙ୍କର ଶନିଶ୍ଚର ମେଳାକୁ ଦେଖିଲା ।। ପଚାରିଲା ଏ ମେଳାର ନିୟମ କିପରି । ନଗ୍ରଲୋକ ବୁଝାଇଣ କହିଲେ ଯେପରି ।। ପଞ୍ଚ ଶନିବାରେ ପାଞ୍ଚମେଳା କରାଇବ । ଶେଷ ମେଳା ଦିନ ବିପ୍ର ଡ଼କାଇ ପୂଜିବ ।। ହୋମକରି ନବଗ୍ରହ କେତୁଙ୍କ ନାମରେ ଘୃତ ଆହୁତି ପ୍ରଦାନ କରିବ ଅଗ୍ନିରେ ।। ବନ୍ଧୁବାନ୍ଧବ ପଡ଼ୋଶୀମାନଙ୍କୁ ଡାକିବ । ଖଇ କଦଳୀ ନଡ଼ିଆ ଭୋଗ କରାଇବ ।। ଏପରି କଲେ ମାନସ ହୋଇବ ପୂରଣ । ଶୁଣି ଛଟପଟ ହେଲା ସୌଦାଗର ମନ ।। ଶନିଶ୍ଚରଙ୍କୁ ଭକ୍ତିରେ ପ୍ରଣାମ ସେ କଲା । ଜାହାଜ ଉଠୁ ଜଳରୁ ଆହେ ରବିବଳା ।। ପାଞ୍ଚଗୋଟି ମେଳା ମୁହିଁ ମାନିଲି ତୁମ୍ଭର । ମନ ପୂର୍ଣ୍ଣହେଲେ ମେଳା କରିବି ନିଜର ।। ଏମନ୍ତ ମନସ୍ଥ କରି ସମୁଦ୍ରକୁ ଗଲା । ବୁଡ଼ିବା ବୋଇତ କୂଳେ ଲାଗିଛି ଦେଖିଲା ।। ମନଗଗନେ ଉଇଁଲା ତାର ପ୍ରେମଶଶୀ । ଧନ୍ୟ ଶନିଶ୍ଚର ବୋଲି ବହୁତ ପ୍ରଶଂସି ।। ନିଜ ରାଜ୍ୟେ ଚଳିଗଲା ବୋଇତ ଚଳାଇ । ଶନିଶ୍ଚର ମହିମା ପ୍ରଚାରକଲା ସବୁଠାଇଁ ।। ପାଞ୍ଚମେଳା କଲା ପୁଣି ବିଧି ବିଧାନରେ । ଯେତେ ଦୁଃଖୀ ରୋଗୀ ରହିଥିଲେ ସେ ନଗରେ ।। ସକଳ ଆରୋଗ୍ୟ ହେଲେ ପ୍ରସାଦ ପାଇଣ । ଅପୁତ୍ରିକ କୋଳେ ପୁଣି ଧରିଲେ ନନ୍ଦନ ।। ସର୍ବେ ମାନସିକ କରି ମେଳା ଆରମ୍ଭିଲେ । ଧନଜନ ଗୋପଲକ୍ଷ୍ମୀ ପ୍ରାପତ ହୋଇଲେ ।। କାଳକ୍ରମେ ପୁଣି ଲୋକେ ନାସ୍ତିକ ପଣରେ । ନ ମାନିଲେ ଯହୁଁ ମେଳା ଥିଲା ଗୋପନରେ ।। ତେରଶବାଉନସାରେ ହୋଇଲା ପ୍ରଚାର । କଟକଜିଲ୍ଲା ଉରାଳିଗ୍ରାମେ ହେତୁ ଘର ।। ଲକ୍ଷ୍ମୀଧର ନାମେ ଥିଲା ଗୋଟିଏ ଯୁବକ ।

smartodiaguide.com

ଝିଙ୍କରଗ୍ରାମରେ ପୁଣି ଥାଏ କନ୍ୟା ଏକ ।। ନାମ ତାର ଚନ୍ଦ୍ରାବତୀ ଇନ୍ଦ୍ର
ପରି ମୁଖ । ପିତାମାତା ହରାଇଣ ପାଇଥିଲା ଦୁଃଖ ।। ଦିନେ ଲକ୍ଷ୍ମୀଧରକୁ
ସେ ଦେଖି ସ୍ନାନଘାଟେ । ଶନିଶ୍ଚର ଚିନ୍ତାକରି ମନର ଉଚ୍ଚାଟେ ।।
ବୋଇଲା ଏ ଲକ୍ଷ୍ମୀଧର ହୁଅନ୍ତା ମୋ କାନ୍ତ । ତୁମ୍ଭ ପାଞ୍ଚମେଳା ମୁହିଁ
କରନ୍ତି ବ୍ୟକତ ।। ଏହିଭଳି ଭାଳି ଭାଳି ଗୃହକୁ ଚଳିଲା ।। ଲକ୍ଷ୍ମୀଧର
ନିକଟକୁ ପତ୍ରେକ ଲେଖିଲା ।। ଶନିଶ୍ଚର ସାକ୍ଷୀ ରଖି ପତିରୂପେ ମୁହିଁ ।
ବରିଛି ସେଦିନ ସ୍ନାନଘାଟେ ମିଥ୍ୟା ନାହିଁ ।। ପତ୍ର ପାଇ ଲକ୍ଷ୍ମୀଧର
ଆନନ୍ଦିତ ହେଲା । ଲେଉଟିପତ୍ର ତାହାକୁ ଏମନ୍ତ ଲେଖିଲା ।। ଆଗୋ
ପ୍ରିୟେ ତୁମେ ମୋର ହୋଇଲ ବନିତା । ବିଭାହୋଇବି ତୁମକୁ ନିଶ୍ଚୟ
ଏକଥା ।। ଦୁହିଁଙ୍କର ମନକଥା ଦୁହେଁ ଜାଣିନେଲେ । ତହୁଁ ମନକଥା ନିଜ
ଘରେ ପ୍ରକାଶିଲେ ।। ଚନ୍ଦ୍ରାବତୀର ଖୁଡ଼େଇ ଖୁଡୁତା ଶୁଣିଣ । ରାଗେ
ତମ ତମ ହୋଇ ହେଲେ ଫଣଫଣ ।। ଅଜା ଆଇ ଶୁଣି ଯେତେ କଲେ
ନାହିଁ ନାହିଁ । ଚନ୍ଦ୍ରାବତୀ ପଣ କେବେ ଟଳିତ ନ ଯାଇ ।। ଅଜା କହେ
ବଡ଼ଘରେ ବିଭା କରିଦେବି । ବହୁତ ଯାନଯୌତୁକମାନ ଦିଆଇବି ।।
ଚନ୍ଦ୍ରାବତୀ କହେ ମୋର ଲୋଡ଼ା ନାହିଁ ଧନ । ଲକ୍ଷ୍ମୀଧର ପଦେ ବିକି
ଦେଇଛି ଜୀବନ ।। ମରିବି ପଛକେ ତାହା ବିନା କାହାକର । ନ ଧରିବି
ସତ୍ୟକରି କହୁଛି ତ୍ରିବାର ।। ଏହିପରି ବହୁ ଗୋଳଘାଣ୍ଟି ଲାଗିଗଲା ।
ଉଭୟ ପକ୍ଷରୁ ଯେତେ ବିରୋଧ ଆସିଲା ।। କାହିଁରେ ଟଳିଲେ ନାହିଁ
ସେ ବେନି ପରାଣୀ । ଗୋପନେ ମିଳନ ହେଲେ କେ କିଛି ନଜାଣି ।।
ଲକ୍ଷ୍ମୀଧର ଘରେ ଯାଇ ଚନ୍ଦ୍ରା ପ୍ରବେଶିଲା । ତେଣୁ ଲକ୍ଷ୍ମୀଧର ବିଭା
ଆୟୋଜନ କଲା ।। ଯେତେ କୂଟ ଭିଆଇଲେ କୁଟୁମ୍ବ ତାହାର । ସକଳ
ଖଣ୍ଡନ କଲେ ଦେବ ଶନିଶ୍ଚର ।। ଦୁହେଁ ବିଭାହୋଇ ଅତି ଆନନ୍ଦେ
ରହିଲେ । ଶନିଶ୍ଚରଙ୍କୁ ଦୁହେଁ ପ୍ରାର୍ଥନା ଯେ କଲେ ।। ଲକ୍ଷ୍ମୀଧରକୁ ବାଇଶି
ଚନ୍ଦ୍ରାକୁ ଚଉଦ । ବରଷ ଅଟଇ ବୁଝ ଆହେ ଶ୍ରୋତାବୃନ୍ଦ ।। ଲାଗି ଲାଗି
ଲୋକମାନେ ନିରାଶ ହୋଇଲେ । ଶନିଶ୍ଚର ସବୁ କୂଟ କାଟିପକାଇଲେ ।।

smartodiaguide.com

ମନ କାମନା ପୂରିଲା ଦୁହିଙ୍କର ଯହୁଁ । ପାଞ୍ଚମେଳା ଶନିଶ୍ଚରଙ୍କର କଲେ ସେହୁ ।। ସେହି ଦିନଠାରୁ ପୁଣି ସକଳ ଜାଣିଲେ ।। ଗ୍ରାମେ ଗ୍ରାମେ ମାନସିକ ରଖି ମେଳା କଲେ ।। କେତେ ମନସ୍କାମ ପୂର୍ଣ୍ଣକଲେ ଶନିଶ୍ଚର ।। କେତେ ଅପୁତ୍ରିକ ନର ପାଇଲେ କୁମର ।। କେତେ ଛୋଟା କେମ୍ପା କୁଜା ଆରୋଗ୍ୟ ଲଭିଲେ । କେତେ ଅନ୍ଧ ଚକ୍ଷୁ ପାଇ ଜଗତ ଦେଖିଲେ ।। ଏହିପରି ଅଟେ ଶନିଶ୍ଚରଙ୍କ୍ ମହିମା । କେ କହିପାରିବ ତାଙ୍କ ମହିମାର ସୀମା ।। ମାଆ ଗୋ ମାଉସୀମାନେ ଦିଅ ହୁଳହୁଳି । ଜୟ ଶନିଶ୍ଚର ବୋଲି ଉଠୁ କୋଳାହଳି ।। ପ୍ରସାଦ ବାଣ୍ଟିଣ ଖାଅ ନ ରଖିଣ ଲୋଭ । ଅଳପ ବହୁତ ବୋଲି କାହିଁ ନ କହିବ ।। ହରି ହରି ବୋଲ ଭାଇ ଏକତାନ ଧରି । ମନବାଞ୍ଛା ପୂର୍ଣ୍ଣହେଉ ବୋଲ ହରି ହରି ।। ଗୁଆ ଆସ୍ଥାନ ମାଟିର ଦୀପଖଣ୍ଡେ ଲୁହା । ଅନ୍ୟ ମେଳା ପରିଯନ୍ତେ ହୋଇଥାଉ ଥୁଆ ।। ମେଳା ନସରୁ ସେ ଜନ ପଳାଇବ ଉଠି । ଶନିଶ୍ଚର ତାର ଘରେ ଦେବେ ଯେ ଅରିଷ୍ଟି ।। ଏ ପୁରାଣ ଯାହା ଘରେ ଥିବ ଯତନରେ । ଭୂତ ପ୍ରେତ ଚୋର ଭୟ ନାହିଁ ତାର ପୁରେ ।। ବ୍ୟାଘ୍ର ସର୍ପାଦି କିଛି କରି ନ ପାରିବେ । ଶନିଙ୍କ ଦୟାରୁ ଡରି ପଳାଇଣ ଯିବେ ।। ଆନନ୍ଦରେ ଥରେ ପୁଣି ଦିଅ ହରିବୋଲ । ଶୁଦ୍ଧ ଅଶୁଦ୍ଧ ପୂରଣକରି ଗୀତବୋଲ ।। ହୁଳହୁଳି ଦିଅ ମାଗୋ ସୀମନ୍ତିନୀମାନେ । ଜୟଧ୍ୱନି କର ଦେବ ଶନିଶ୍ଚର ନାମେ ।। ସମାପ୍ତ ହେଲା ଏ ମେଳା ବିଧିବିଧାନରେ । ବୀର କିଶୋର ଶନିଙ୍କୁ ଚିନ୍ତି ଶନିବାରେ ।। ଲେଖିଲା ଏ ମେଳା ଭକ୍ତିରେ ମନଦେଇ । ଜୟ ରବିନନ୍ଦନ ହେ ହୁଅନ୍ତୁ ସଦୟୀ ।।

●●●

**ସମାପ୍ତ**